### ପଟ୍ଟଚିତ୍ର ସଚେତନତା କର୍ମଶାଳା ଓ ପ୍ରଦର୍ଶନୀ

# ହସ୍ତଶିଳ୍ପ ଆମ ସଂସ୍କୃତି, ପରମ୍ପରା ଓ ଅର୍ଥନୀତିର ତ୍ରିବେଣୀ ସଙ୍ଗମ

ପୁରୀ,୨୬।୨(ସମିସ)



ଭାରତ ସରକାରଙ୍କ ବିକାଶ ଆୟୁକ୍ତ ହସ୍ତଶିଳ୍ପ ବିଭାଗ ପ୍ରାୟୋଜିତ ଏବଂ ହସ୍ତଶିଳ୍ପ ପଟ୍ଟଚିତ୍ର ଉତ୍ପାଦକ କମ୍ପାନୀ ଲିମିଟେଡ୍ ଐତିହ୍ୟ ଗ୍ରାମ ରଘୁରାଜପୁର ପକ୍ଷରୁ ପଟ୍ଟଚିତ୍ରକୁ ନେଇ ତ୍ରିଦିବସୀୟ କର୍ମଶାଳା, ପ୍ରଦର୍ଶନୀ, ସଚେତନତା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ନୀଳାଚଳ ଅର୍ବାନ୍ ହାଟ ପରିସରରେ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ତଥା ଜାତୀୟ ପୁରସ୍କାରପ୍ରାପ୍ତ ଶିଳ୍ପୀ ବିଶ୍ୱନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ବିପିନ୍ ବିହାରୀ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଶିଳ୍ପୀଗୁରୁ ଦୀନବନ୍ଧୁ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ପୁରସ୍କାରପ୍ରାପ୍ତ ପଟ୍ଟଚିତ୍ର ଗୁରୁ ଶରତ କୁମାର ସାହୁ, କରୁଣାକର ସାହୁ, ଭ୍ରମରବର ନାୟକ ଏବଂ ଭାରତ ସରକାରଙ୍କ ହସ୍ତଶିଳ୍ପ ପ୍ରବନ୍ଧନ ଅଧିକାରୀ ବୀର ଭରତ ମାରାଣ୍ଡି, ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟର ହସ୍ତଶିଳ୍ପ ପ୍ରବନ୍ଧନ ଅଧିକାରୀ ପ୍ରମେନ୍ଦ୍ର ସିହ୍ନା, ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ବିକାଶ ଅଧିକାରୀ ସୂର୍ଯ୍ୟକାନ୍ତ ପଣ୍ଡା, ପୁରୀ ହସ୍ତଶିଳ୍ପ ବିଭାଗର ଉପନିର୍ଦ୍ଦେଶକ ବିଷ୍ଣୁପଦ ମାରାଣ୍ଡି, ପରମ୍ପରା ଅନୁଷ୍ଠାନର ପ୍ରତିଷ୍ଠାତା ଭଗବାନ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ରହି ହସ୍ତଶିଳ୍ପ ହେଉଛି ଆମ ସଂସ୍କୃତି, ପରମ୍ପରା ଓ ଅର୍ଥନୀତିର ତ୍ରିବେଣୀ ସଙ୍ଗମ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଳ୍ପୀମାନଙ୍କୁ ସେମାନଙ୍କ ଦକ୍ଷତା ପ୍ରଦର୍ଶନର ଏକ ସୁନ୍ଦର ପ୍ଲାଟ୍‌ଫର୍ମ ପ୍ରଦାନ କରାଯାଇପାରୁଛି ବୋଲି ବକ୍ତବ୍ୟ ରଖିଥିଲେ। ଅତିଥିମାନେ ପଟ୍ଟଚିତ୍ରର ଅତୀତ, ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିବା ସହ ଏହାର ମୌଳିକତା କିପରି ବଜାୟ ରହିବ ଏବଂ ପ୍ରାଚୀନ ଅଙ୍କନ ଶୈଳୀର ଆଧାରରେ ପାରମ୍ପରିକ ପ୍ରାକୃତିକ ରଙ୍ଗର ବ୍ୟବହାର କିପରି ହୋଇପାରିବ ତା' ଉପରେ ଗୁରୁତ୍ୱାରୋପ କରିବା ସହ ବିଭିନ୍ନ ମଠ, ମନ୍ଦିର ଓ ରାଜପ୍ରାସାଦର ପାରମ୍ପରିକ ଚିତ୍ର ଅନୁଧ୍ୟାନ କରି ସେହି ଶୈଳୀକୁ ଆପଣାଇବା ପାଇଁ ଶିଳ୍ପୀମାନଙ୍କୁ ଉତ୍ସାହିତ କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ସଭାକୁ ସଞ୍ଚାଳନ କରିଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶିକା ସଂଯୁକ୍ତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ ରଘୁରାଜପୁର ପକ୍ଷରୁ ଗୁରୁ ଲକ୍ଷ୍ମଣ ମହାରଣାଙ୍କ ନିର୍ଦ୍ଦେଶନାରେ ଶିଳ୍ପୀମାନେ ଗୋଟିପୁଅ ନୃତ୍ୟରେ ମଙ୍ଗଳାଚରଣ, ଅଭିନୟ ଏବଂ ବନ୍ଧ ନୃତ୍ୟ ପରିବେଷଣ କରିଥିଲେ। ପ୍ରକାଶଥାଉ କି, କର୍ମଶାଳାରେ ପୁରୀ ସଦର ବ୍ଲକ୍‌ରୁ ୨୦ଜଣ ଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କ ଚିତ୍ର ସବୁ ପ୍ରଦର୍ଶିତ ହେବା ସହ ଶିଳ୍ପୀମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯିବ। ପୁରୀ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଛାତ୍ରଛାତ୍ରୀ ପ୍ରଦର୍ଶନୀ ବୁଲିବା ସହ ଶିକ୍ଷା ଗ୍ରହଣ କରିଥିଲେ।

## ଚୁଆରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର; କାରଣ ଅସ୍ପଷ୍ଟ

ଅସ୍ତରଙ୍ଗ,୨୬।୨(ସମିସ): ଡମଶୁଣସ୍ଥିତ ଲୁଣାପାଟ ନିକଟ ଏକ ଚୁଆରୁ ବୁଧବାର ସକାଳୁ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ



ଜଗତସିଂହପୁର ଜିଲ୍ଲା ମାଛଗାଁ ଓଡିନ୍ଧା ଗ୍ରାମର ବିଦ୍ୟାଧର ମହାନ୍ତି(୮୫) ବୋଲି ଜଣାପଡ଼ିଛି। ଚୁଆରେ ମୁହଁ ମାଡ଼ି ପଡ଼ିଥିବା ସ୍ଥାନୀୟଲୋକେ ଦେଖିବାକୁ ପାଇବା ପରେ ଏହି ଘଟଣା ସମ୍ପର୍କରେ ନୂଆଗଡ଼ ସାମୁଦ୍ରିକ ଥାନା ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ଅସ୍ତରଙ୍ଗ ନିକଟସ୍ଥ ନୂଆଗଡ଼ ସାମୁଦ୍ରିକ ଥାନା ଅନ୍ତର୍ଗତ ଝାଡ଼ଲିଙ୍ଗ ପଞ୍ଚାୟତ ଡମଶୁଣ ନିକଟ ଲୁଣାପାଟ ଏକ ବନ୍ଧ ନିକଟରେ ବୁଧବାର ସକାଳୁ ପାଣି ଭିତରେ ମୁହଁ ମାଡ଼ି ପଡ଼ିଥିଲେ। ନୂଆଗଡ଼ ସାମୁଦ୍ରିକ ଥାନା ପୁଲିସ ଖବର ପାଇବା ପରେ ନୂଆଗଡ଼ ସାମୁଦ୍ରିକ ଥାନା ଅଧିକାରୀ ଅଚ୍ୟୁତାନନ୍ଦ ବେହେରା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ପରେ ଜଣାପଡ଼ିଥିଲା ମୃତ ବୃଦ୍ଧ ଜଣକ ବିଦ୍ୟାଧର ମହାନ୍ତି। ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ହେବ ଖଣ୍ଡିବେଲାରୀ ଗ୍ରାମର କୈଳାଶ ବିଶ୍ୱାଳଙ୍କ ଘରେ ରହୁଥିଲେ। କିନ୍ତୁ ଅଚାନକ ବୃଦ୍ଧ ଜଣକ ମଙ୍ଗଳବାର ସନ୍ଧ୍ୟା ସମୟରେ ଏକ ବ୍ୟାଗ୍ ଧରି ଘରୁ ଆସିଥିଲେ। ସେ କିପରି ପାଣି ପଡ଼ିଲେ ତାହା ସ୍ପଷ୍ଟ ହୋଇ ନ ଥିବାବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ ସହ ବୃଦ୍ଧଙ୍କ ପରିଚୟ ମିଳିବା ପରେ ନିମାପଡ଼ା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ପଚରାଉଚରା ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ଏ ନେଇ ସମ୍ପର୍କୀୟଙ୍କ ପକ୍ଷରୁ ନୂଆଗଡ଼ ସାମୁଦ୍ରିକ ଥାନା ପକ୍ଷରୁ ଏତଲା ଦିଆଯିବା ପରେ ପୁଲିସ ଏକ ଅପମୃତ୍ୟୁ ମାମଲା (୧/୨୬) ରୁଜୁ ସହ ବୃଦ୍ଧ ଜଣକ ପାଣିକୁ କିପରି ଆସିଲେ, କେଉଁ ଉଦ୍ଦେଶ୍ୟରେ ଆସିଥିଲେ ତାହାର ତଦନ୍ତ ଚଳାଇଛି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲା।



ସୁଦଶା ବ୍ରତ ନିମନ୍ତେ ବିଭିନ୍ନ ଲକ୍ଷ୍ମୀ ମନ୍ଦିରରେ ମହିଳାଙ୍କ ଭିଡ଼

## ନରସିଂହପୁର ଶାସନ ଗ୍ରାମରେ ନାମଯଜ୍ଞ

ନୟାହାଟ,୨୬।୨(ସମିସ): ସ୍ଥାନୀୟ ନରସିଂହପୁର ଶାସନ ଗ୍ରାମର ଶ୍ରୀଶ୍ରୀ ବାସୁଦେବ ପୀଠରେ ପବିତ୍ର ଦୋଳ ଦଶମୀ ତିଥିରେ ମହାମନ୍ତ୍ର ଓଁ କୃଷ୍ଣ ମଧୁସୂଦନ ବାସୁଦେବ ଜନାର୍ଦ୍ଦନ ନାମରେ ଗ୍ରାମବାସୀଙ୍କ ସହଯୋଗରେ ଗୁରୁବାର ଅଷ୍ଟମ ପ୍ରହର ଅନୁଷ୍ଠିତ ହୋଇଛି। ଏହି ଉପଲକ୍ଷେ ବୁଧବାର ପ୍ରାଚୀ ନଦୀରୁ କଳସ ଯାତ୍ରା ଓ ଅଧିବାସ ପୂଜା ସନ୍ଥ ତଥା ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରର ମୁଖ୍ୟ ବାବାଜୀ ଦାମୋଦର ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏହି ଅଞ୍ଚଳରେ ପ୍ରଥମେ ସଦ୍‌ଗୁରୁ ପ୍ରେମାଚାର୍ଯ୍ୟ ବାବା ମଧୁସୂଦନଙ୍କ ଆଗମନ ହୋଇଥିଲା। ବିଶ୍ୱର ମଙ୍ଗଳ ପାଇଁ ମହାବିପତ୍ତି ନାଶନ ନାମ ଓଁ କୃଷ୍ଣ ମଧୁସୂଦନ ବାସୁଦେବ ଜନାର୍ଦ୍ଦନ ୧୯୮୦ରେ ପ୍ରାଚୀ ଗୁରୁ ଧର୍ମ କ୍ଷେତ୍ରରେ ସ୍ଥାପନ କରିଥିଲେ ବୋଲି ସେବକ ପ୍ରୀତି ରଞ୍ଜନ ଦାସ ପ୍ରକାଶ କରିଛନ୍ତି। ଗୁରୁଦେବ ସ୍ଥାପନ କରିଯାଇଥିବା ଅଖଣ୍ଡ ନାମକୁ ଉକ୍ତ ଗ୍ରାମର ଗ୍ରାମବାସୀମାନେ ଆନନ୍ଦରେ ପ୍ରତି ବର୍ଷ ଏହି ତିଥିରେ ପାଳନ କରୁଛନ୍ତି। ଯାହାକି ଚଳିତ ବର୍ଷ ୧୧ବର୍ଷ ପୂର୍ତ୍ତି ବୋଲି ନୀଳମଣି ସାହୁ କହିଛନ୍ତି। କର୍ତ୍ତା କୁଳମଣି ସାହୁ ଓ ସସ୍ମିତା ସାହୁଙ୍କ ସମେତ ପିଣ୍ଟୁ ସାହୁ, ମନୁ ସାହୁ, ସରପଞ୍ଚ ମାନସ ସେନାପତି, ବାଦଲ ନାୟକ ଓ କୁନା ଭାଇ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅଷ୍ଟମ ପ୍ରହରରେ ବାର କଳସ, ବାର ଖୁମ୍ବରେ ପୁଷ୍ପସଜ୍ଜା ହୋଇଥାଏ। ସମସ୍ତ ମାଆ, ଶ୍ରଦ୍ଧାଳୁ ଓ ଭାଇ, କୁନି ପିଲା ସମସ୍ତେ ପ୍ରଭୁଙ୍କ ପାଖରେ ସମର୍ପିତ ହୋଇ ଆନନ୍ଦରେ ରାଧା ଭାବରେ ନାଚି ଥାଆନ୍ତି। ପୂଜକ ବାବାଜୀ ଆତ୍ମା କୃଷ୍ଣ ଦାସ ଓ ଗୁରୁ କୃଷ୍ଣ ଭାଇ ପୂଜାର୍ଚ୍ଚନା କରିଥିଲେ।



## ଏପ୍ରିଲ ୧୭ରେ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ପୁରୀ,୨୬।୨(ସମିସ): ପୁରୀ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା ଏପ୍ରିଲ ମାସରେ ଅନୁଷ୍ଠିତ ହେବ। ଜିଲ୍ଲାର ଶିକ୍ଷିତ ବେକାର ଯୁବକଯୁବତୀମାନଙ୍କ ପାଇଁ ଏହା ଆତ୍ମନିର୍ଭରର ସୁଯୋଗ ଦେବ। ଏହି ମେଳାରେ ବିଭିନ୍ନ ନିଯୁକ୍ତିଦାତା କମ୍ପାନୀ ଓ ଉଦ୍ୟୋଗୀମାନେ ଯୋଗଦେବେ। ଏ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ବୁଧବାର ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳା ନିଯୁକ୍ତି ଆଶାୟୀ ଯୁବକଯୁବତୀ ଓ ସେମାନଙ୍କ ପରିବାର ପାଇଁ ଉତ୍କଣ୍ଠା ରଖୁଥିବାରୁ ଏହାକୁ ଶୃଙ୍ଖଳିତ ଓ ସୁଚାରୁ ରୂପେ ଆୟୋଜନ ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଜିଲ୍ଲା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅଧିକାରୀ ଧର୍ମାନନ୍ଦ ବେହେରା ଉପସ୍ଥିତ ଥିଲେ। ଏହି ମେଳା ପୁରୀ ସରକାରୀ ଆଇଟିଆଇ କ୍ୟାମ୍ପସ୍‌ରେ ଏପ୍ରିଲ ୧୭ ତାରିଖରେ ଅନୁଷ୍ଠିତ ହେବ ବୋଲି ଅତିରିକ୍ତ ଜିଲ୍ଲା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ବସ୍ତି ସୂଚନା ଦେଇଛନ୍ତି। ମାଟ୍ରିକ୍‌ଠାରୁ ତଦୁର୍ଦ୍ଧ୍ୱ ଓ ଆଇଟିଆଇ ପିଲାମାନେ ଏଥିରେ ନାମ ପଞ୍ଜୀକରଣ କରି ଅଂଶଗ୍ରହଣ କରିପାରିବେ। ବିଭିନ୍ନ ସଂସ୍ଥା ସେମାନଙ୍କୁ ନିଯୁକ୍ତି ଦେଇପାରିବେ ବା ପିଲାଙ୍କ ଆଗ୍ରହ ଅନୁସାରେ କମ୍ ଅବଧିର ତାଲିମ ପ୍ରଦାନ କରି ସେମାନଙ୍କୁ ସଶକ୍ତ କରିପାରିବେ। ନିଯୁକ୍ତି ମେଳାରେ ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ୍ ନିୟନ୍ତ୍ରଣ, ପାନୀୟ ଜଳ, ଅଗ୍ନି ନିର୍ବାପକ, ସୂଚନା ପ୍ରଦାନ ଓ ପ୍ରଚାରପ୍ରସାର, ଚିକିତ୍ସା, ସ୍ୱଚ୍ଛତା ଓ ପରିମଳ, ସ୍ୱେଚ୍ଛାସେବୀ ନିୟୋଜନ ଓ ବ୍ଲକ୍‌ସ୍ତରରେ ପଞ୍ଜୀକରଣ ବ୍ୟବସ୍ଥା ଇତ୍ୟାଦି ସମ୍ପର୍କରେ ବିଷଦ୍ ଆଲୋଚନା କରାଯାଇ ସମ୍ପୃକ୍ତ ବିଭାଗମାନେ ଉପଯୁକ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ଏହି ଆଭାସୀ ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜାତୀୟ ମାନବାଧିକାର କମିଶନଙ୍କ ସ୍ୱତନ୍ତ୍ର ମନିଟରଙ୍କ ସତ୍ୟବାଦୀ ଗସ୍ତ

ପୁରୀ/ସାକ୍ଷୀଗୋପାଳ,୨୬।୨(ସମିସ): ଜାତୀୟ ମାନବାଧିକାର କମିଶନଙ୍କ ସ୍ୱତନ୍ତ୍ର ମନିଟର ବାଳକ୍ରିଷ୍ଣା ଗୋଏଲ ଗୁରୁବାର ପୁରୀ ଜିଲ୍ଲା ଗସ୍ତ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରୀ ଗୋଏଲଙ୍କୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସ୍‌ପି ପ୍ରତୀକ୍ ସିଂ ସ୍ୱାଗତ କରିଥିଲେ। ପରେ ଶ୍ରୀ ଗୋଏଲ୍ ସତ୍ୟବାଦୀ ବ୍ଲକ୍‌ର ଚଉଦବାଟିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ପିଲାମାନଙ୍କ ଶିକ୍ଷାଦାନ, ମଧ୍ୟାହ୍ନ ଭୋଜନ, ପରିଷ୍କାର ପରିଚ୍ଛନ୍ନତା ଇତ୍ୟାଦି ନିରୀକ୍ଷଣ କରିବା ସହ ପିଲା ଓ ଶିକ୍ଷକଶିକ୍ଷୟିତ୍ରୀମାନଙ୍କ ସହିତ ଆଲୋଚନା କରିଥିଲେ। ପରେ ଗୋପାଳପୁର ପାଟଣା ୨ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିଥିଲେ। ପିଲାମାନଙ୍କ ବ୍ୟବସ୍ଥା, ଖାଦ୍ୟପେୟ, ଶିକ୍ଷାଦାନ ପଦ୍ଧତି ସମ୍ପର୍କରେ ଅଙ୍ଗନବାଡ଼ି କର୍ମୀଙ୍କୁ ପଚାରି ବୁଝିଥିଲେ। ପରେ ଉତ୍କଳ ବାଳାଶ୍ରମ ପରିଦର୍ଶନ କରିବା ସହ ଅନ୍ତେବାସୀଙ୍କ ସହିତ ବାର୍ତ୍ତାଳାପ, ଅସୁବିଧା ସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ଶ୍ରୀ ଗୋଏଲ ସମସ୍ତ ସ୍ଥାନରେ କାଗଜପତ୍ର ଅନୁଧ୍ୟାନ ସହ ବିବିଧ ପରାମର୍ଶ ପ୍ରଦାନ କରିଥିଲେ। ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଓ ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।



## ନିମାପଡ଼ା ବ୍ଲକ୍ ପରିସରରେ ରାସନ କାର୍ଡ ଓ ଭତ୍ତା ବଣ୍ଟନ

ନିମାପଡ଼ା,୨୬।୨(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଦ୍ୱାରା ଅନୁମୋଦିତ ହୋଇଥିବା ରାସନ କାର୍ଡ ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ପରିସରରେ ଥିବା ସଭାଗୃହରେ ବିଡିଓ ଡ. ଅଭିଜିତ୍ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ନିମାପଡ଼ା ବ୍ଲକ୍‌ର ୩୨ ପଞ୍ଚାୟତର ୪୦୨ ଜଣ ଓ ଏନ୍‌ଏସିର ୧୧ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିବାବେଳେ ବ୍ଲକ୍‌ର ୮୮୪ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ପ୍ରଦାନ କରାଯିବ। ୬୦ ବର୍ଷର ସମସ୍ତ ହିତାଧିକାରୀ ଭତ୍ତା ପାଇବେ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ସାଂସଦଙ୍କ ଏନ୍‌ଏସି ପ୍ରତିନିଧି ମୀନଳତା ମହାନ୍ତି, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ କୁମାର ଦାସ, ଏମ୍‌ଆଇ ସୁବ୍ରତ କୁମାର ଚୌଧୁରୀ, ଏବିଡିଓ ପ୍ରିୟଦର୍ଶିନୀ ବରାଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିନୋଦ ବିହାରୀ ପୁହାଣ, ପିଇଓ ଗୁଣନିଧି ମିଶ୍ର, ବିବିଏସ୍‌ଓ ଜୟକୃଷ୍ଣ ସ୍ୱାଇଁ, ଜେଇ ସମୀର ବେହେରାଙ୍କ ସମେତ ବ୍ଲକ୍‌ର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ସେହିପରି ଅପରାହ୍ଣରେ ନିମାପଡ଼ା ବ୍ଲକ୍ ପରିସରରେ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାରେ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ାଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ହୋଇଯାଇଛି।



## ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ଦୋଳ ଯାତ୍ରା ଆରମ୍ଭ

ସାକ୍ଷୀଗୋପାଳ,୨୬।୨(ସମିସ): ଗୁରୁବାର ପବିତ୍ର ଫଗୁ ଦଶମୀ ଅବସରରେ ପରମ୍ପରା କ୍ରମେ ଶ୍ରୀସାକ୍ଷୀଗୋପାଳ ଠାକୁରଙ୍କ ସପ୍ତାହବ୍ୟାପୀ ଦୋଳଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରା ଆସନ୍ତା ହୋଲି ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସନ୍ଧ୍ୟା ଧୂପ ବେଶରେ ଠାକୁର ଲାଲ୍ ପଗଡ଼ି, ପାଇଜାମା, ଘେର ପରିଧାନ କରି ହୋଲି ବେଶରେ ଦର୍ଶନ ଦେଇଥିଲେ। ସନ୍ଧ୍ୟାରେ ଜାତଭୋଗ, ଅବିର, ଟାହିଆ ଫୁଲମାଳ ଲାଗି କରାଯିବା ପରେ ବିମାନରେ ବିଜେ ପ୍ରତିମା ଶ୍ରୀଶ୍ରୀ ମଦନ ମୋହନ ଦେବ ଓ ଦୋଳଗୋବିନ୍ଦ ଚାଚେରୀ ଭୋଗ ଲାଗି ପାଇଁ ପ୍ରଥମ ଦିବସରେ ଗୋପାଳପୁର ପାଟଣା ଗ୍ରାମକୁ ଯାତ୍ରା କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ପୁରୁଣା ବିମାନକୁ ମରାମତି ଓ ସଫେଇ ସହ ନୂଆ କରି ସାଜସଜ୍ଜା କରାଯାଇଛି। ଘଣ୍ଟ, ମର୍ଦ୍ଦଳ, ତେଲିଙ୍ଗି ବାଦ୍ୟ, ବୈରଖ, ମଶାଲ ସହ ବିଭିନ୍ନ ବର୍ଗର ସେବାୟତ ଓ ମନ୍ଦିର କର୍ମଚାରୀ ଠାକୁରଙ୍କ ସହିତ ଚାଚେରୀ ଭୋଗରେ ସାମିଲ୍ ହୋଇଥିଲେ। ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପ୍ରତ୍ୟହ ସନ୍ଧ୍ୟାରେ ଠାକୁର ଚାଚେରୀ ଭୋଗଲାଗି ପାଇଁ ଗ୍ରାମ ପରିକ୍ରମା କରିବେ।

### ଗ୍ରାମ୍ୟ ଯୁବ ଏକତା ଶିବିର

## ଲୁକ୍କାୟିତ ପ୍ରତିଭାର ବିକାଶ ରାଷ୍ଟ୍ରକୁ ସମୃଦ୍ଧ କରିଥାଏ

ପୁରୀ,୨୬।୨(ସମିସ): ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ଗୁରୁବାରଠାରୁ ପୁରୀ ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟ ପକ୍ଷରୁ ଦୁଇଦିନିଆ ଗ୍ରାମ୍ୟ ଯୁବ ଏକତା ଶିବିର ଶ୍ରୀଜଗନ୍ନାଥ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ପିଲାମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ବିକାଶ ଯେକୌଣସି ରାଷ୍ଟ୍ରକୁ ସମୃଦ୍ଧ କରିଥାଏ। ଆଜିର ସମୟରେ ନିଜକୁ ପ୍ରତିଷ୍ଠିତ ଓ ଦକ୍ଷତାପୂର୍ଣ୍ଣ କରିବାକୁ ଅନେକ କ୍ଷେତ୍ର ରହିଛି। ଶିକ୍ଷା ସହ କ୍ରୀଡ଼ା, ନୃତ୍ୟ, ସଙ୍ଗୀତ, ପର୍ଯ୍ୟଟନ, ସଂସ୍କୃତି, ସୂଚନା ପ୍ରସାରଣ ଇତ୍ୟାଦି ପାଇଁ ପ୍ରଶସ୍ତ ଭିତ୍ତିଭୂମି ରହିଛି। ଏ ସମ୍ପର୍କରେ ପିଲାମାନେ ଅବଗତ ଓ ଅଧ୍ୟବସାୟୀ ହେବା ଆବଶ୍ୟକ। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ସମ୍ପର୍କରେ ମତ ଦେଇ ଶ୍ରୀ ବେହେରା କହିଥିଲେ ଯେ, ଲୌହ ମାନବ ନାମରେ ପରିଚିତ ବଲ୍ଲଭ ଭାଇ ପଟେଲଙ୍କ ଉଦ୍ୟମ ଯୋଗୁଁ ସ୍ୱାଧୀନତା ପରେ ଶହଶହ ଗଡ଼ଜାତ ରାଜ୍ୟ ଭାରତ ବର୍ଷରେ ମିଶିବା ସମ୍ଭବ ହୋଇପାରିଥିଲା। ତାଙ୍କର ଦେଶପ୍ରେମ ଓ ସାହସ ସମସ୍ତଙ୍କୁ ପ୍ରେରଣା ଦେଇ ଚାଲିଥିବ ବୋଲି କହିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୂଚନା ଓ ଲୋକ ସମ୍ପର୍କ ବିଭାଗର କାର୍ଯ୍ୟାବଳୀ, ରଥଯାତ୍ରା ସମୟରେ ବିଭାଗର ଦାୟିତ୍ୱ ଓ ସୂଚନା ସେବା ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଶିକ୍ଷାବିତ୍ ସୁକାନ୍ତ କୁମାର ମହାନ୍ତି ବିବିଧ ସେବା କାର୍ଯ୍ୟରେ ପିଲାମାନଙ୍କ ସହଭାଗିତା ଓ ଶିକ୍ଷା ଲାଭ, ଯୁବ ନେତୃତ୍ୱ ସମ୍ପର୍କରେ, ଶିଶୁ ସୁରକ୍ଷାର ଆନୁଷ୍ଠାନିକ ଯତ୍ନ ଅଧିକାରୀ ଶୁଭ ନାରାୟଣ ଶତପଥୀ ଶିଶୁମାନଙ୍କ ଅଧିକାର ଓ ସୁରକ୍ଷା ସମ୍ପର୍କରେ, ଅଗ୍ନିଶମ ସେବା ଅଧିକାରୀ

ଅଗ୍ନି ନିର୍ବାପକ ବ୍ୟବସ୍ଥା, ବିବିଧ ବିପର୍ଯ୍ୟୟ ସମୟରେ ଉଦ୍ଧାର ଓ ଥଇଥାନ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା, ସ୍ୱାସ୍ଥ୍ୟ ନିରାପତ୍ତା ସମ୍ପର୍କରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଦିନ ସମୁଦ୍ର କୂଳ ସଫା ଓ ଯୁବ ସ୍ୱେଚ୍ଛାସେବୀ ସମ୍ପର୍କରେ ଆଲୋଚନା କରାଯିବ ବୋଲି କ୍ରୀଡ଼ା ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଥିଲେ। ଶିବିରରେ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ୍ ହୋଇଛନ୍ତି।

## ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିରରୁ ଚୋରି



ବଳଙ୍ଗା,୨୬।୨(ସମିସ): ବଳଙ୍ଗା ଥାନା ଅନ୍ତର୍ଗତ ନୂଆସନ୍ଥ ପଞ୍ଚାୟତ ଅଧୀନ ଦାଶ ପୁରୁଷୋତ୍ତମପୁର ଗ୍ରାମରେ ବୁଧବାର ବିଳମ୍ବିତ ରାତିରେ ଶ୍ରୀନୀଳକଣ୍ଠେଶ୍ୱର ମନ୍ଦିରରୁ ଚୋରି ହୋଇଥିବା ନେଇ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି।

ସୂଚନା ମୁତାବକ, ଗୁରୁବାର ସକାଳୁ ସେହି ଗ୍ରାମର ପୂଜକ ପବିତ୍ର ମହାପାତ୍ର ମନ୍ଦିରକୁ ପୂଜା କରିବାକୁ ଆସି ଦେଖନ୍ତି ତ ମନ୍ଦିର ଭିତରେ ଥିବା ପୂଜା ସାମଗ୍ରୀ, ପିତ୍ତଳ କଂସାବାସନଗୁଡ଼ିକ ନାହିଁ। ଠାକୁର ଓ ଠାକୁରାଣୀଙ୍କ ପିନ୍ଧା ବସ୍ତ୍ରଗୁଡ଼ିକ ଚାରିଆଡ଼େ ଫୋପଡ଼ାଫିଙ୍ଗା ହୋଇ ପଡ଼ିଥିବା ନେଇ ବଳଙ୍ଗା ଥାନାରେ ପବିତ୍ର ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ବଳଙ୍ଗା ଥାନା ଅଧିକାରୀ ତଦନ୍ତ ଜାରି ରଖିଛନ୍ତି।

## ପାରିବାରିକ କଳହରୁ ଘରଦ୍ୱାର ଭଙ୍ଗାରୁଜା

ନୟାହାଟ,୨୬।୨(ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ନରସିଂହପୁର ହଟ ଗ୍ରାମରେ ପାରିବାରିକ କଳହକୁ ନେଇ ନୟାହାଟ ଫାଣ୍ଡିରେ ମିନତି ବେହେରା ଅଭିଯୋଗ କରିଛନ୍ତି। ରଞ୍ଜନ ବେହେରା ନାମକ ଜଣେ ବ୍ୟକ୍ତି ତେଜମାରି ଆଜ୍‌ବେଷ୍ଟସ୍ ଭାଙ୍ଗିବା ସହ ଗୁଆ ଗଛ ହାଣିବା, ଟିଭି ଭାଙ୍ଗିବା ଓ ଗାଳିଗୁଲଜ କରିବା ଅଭିଯୋଗରେ ଗୋପ ଥାନା କେସ୍ ନମ୍ବର ୬୬/୨୬ରେ ଏକ ମାମଲା ରୁଜୁ କରାଯାଇଛି। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଘଟଣାର ତଦନ୍ତ କରୁଛନ୍ତି।

## ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

କଣାସ,୨୬।୨(ସମିସ): କଣାସ ବ୍ଲକ୍ କଣାସ ଗ୍ରାମପଞ୍ଚାୟତର ଡିମିରି ଗ୍ରାମରେ ନୂତନ ଭାବେ ନିର୍ମାଣ କରାଯାଇଥିବା ବାବା ନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଛି। ଗତ ୨୩ ତାରିଖଠାରୁ ଆରମ୍ଭ ହୋଇଥିବା ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ହେବା ସହ ଠାକୁର ମନ୍ଦିର ପ୍ରବେଶ କରିଥିଲେ। ଗ୍ରାମବାସୀମାନଙ୍କ ପୂର୍ଣ୍ଣ ସହଯୋଗରେ କାର୍ଯ୍ୟ ସମ୍ପାଦନ କରାଯାଇଥିଲା।

## ବଡ଼ାସ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



କଣାସ,୨୬।୨(ସମିସ): କଣାସ ବ୍ଲକ୍ ବଡ଼ାସ ଗ୍ରାମପଞ୍ଚାୟତର ବଡ଼ାସ ଗ୍ରାମରେ ପ୍ରତିଷ୍ଠିତ ବଡ଼ାସ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କଣାସ ବ୍ଲକ୍ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରା, ଅତିରିକ୍ତ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ଗୋବର୍ଦ୍ଧନ ବେହେରା, ଅବସରପ୍ରାପ୍ତ ଉପ ଶିକ୍ଷା ଅଧିକାରୀ ସର୍ବେଶ୍ୱର ଜେନା, ଗ୍ରାମ୍ୟ କମିଟି ସଭାପତି ସୁବୋଧ କୁମାର ଦାସ, ପୂର୍ବତନ ସରପଞ୍ଚ ବଳରାମ ପଲାଇ ଅତିଥି ଭାବେ ଯୋଗଦେଇ ସର୍ବପ୍ରଥମେ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ଓ ଆଦର୍ଶ ମଣିଷ ଭାବେ ଗଢ଼ି ତୋଳିବା ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ ସୂଚନା ଦେଇଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କାର ଓ ମାନପତ୍ର ପ୍ରଦାନ କରିଥିଲେ। ଶିକ୍ଷାବିତ୍ ସୁଶାନ୍ତ କୁମାର ନରେନ୍ଦ୍ର ମଞ୍ଚ ପରିଚାଳନା କରିଥିଲେ।

# ଇଟାଭାଟି ଭାଙ୍ଗିବା ପରେ ଭୋକ ଉପାସରେ ଶ୍ରମିକ

ନୟାହାଟ,୨୬।୨(ସମିସ)



ନୟାହାଟ ଅଞ୍ଚଳରେ ବ୍ୟବସାୟ କରୁଥିବା ଇଟାଭାଟି ମାଲିକମାନଙ୍କ ବେଆଇନ ଭାଟିକୁ ଗୋପ ତହସିଲ୍‌ଦାର ସୂର୍ଯ୍ୟଶଙ୍କର ଦାସ ବିଦ୍ୟାଳୟ ଓ ଜନବସତି ଅଞ୍ଚଳରୁ ଜେସିବି ଦ୍ୱାରା ବୁଧବାର ୨୦ରୁ ଅଧିକ ଇଟାଭାଟି ଭଙ୍ଗାଯିବା ଫଳରେ ତହସିଲ୍‌ଦାରଙ୍କ କାର୍ଯ୍ୟକୁ କେତେକ ଯଥାର୍ଥ କହୁଥିବାବେଳେ ଆଉ କେତେକ ନାପସନ୍ଦ କରିଛନ୍ତି। ଇଟା ତିଆରି କରିବା ପାଇଁ ବାଲେଶ୍ୱର, ଭଦ୍ରକ ଅଞ୍ଚଳରୁ ଆସିଥିବା ଦାଦନ ଶ୍ରମିକମାନେ ତାଙ୍କର ଜୀବିକା ହରାଇବା ସହିତ ଭୋକ ଉପାସରେ ପଡ଼ି ରହିଛନ୍ତି। ଘରୋଇ ଲୋକମାନେ ଘର କରିବା ପାଇଁ ଇଟା ପକାଇଥିବା ଭାଟିକୁ ଭଙ୍ଗାଯିବ ନାହିଁ ବୋଲି ତହସିଲ୍‌ଦାର କହିଥିବାବେଳେ ବୁଧବାର ଜଣେ ଘରୋଇ ଲୋକ ଗଡ଼ନିପାଣିଆଁ ଗ୍ରାମର ଇଟାଭାଟିକୁ ଭାଙ୍ଗି ଦେଇଥିବାରୁ ସେଠାରେ କାର୍ଯ୍ୟ କରୁଥିବା ଶ୍ରମିକ ଭୟଭୀତ ହୋଇ ପଳାଇ ଯାଇଛନ୍ତି। ବରିମୁଣ୍ଡ ଓ ବାଉଲାଙ୍ଗ ଆର୍‌ଆଇ ସର୍କଲ ଅଞ୍ଚଳରେ ବହୁ ବ୍ୟବସାୟୀ ଅନେକ ବେଆଇନ ଇଟାଭାଟି ନିର୍ମାଣ ହୋଇଥିବା ସମ୍ପର୍କରେ ପ୍ରଶାସନ ନିକଟରେ ଖବର ପହଞ୍ଚାଇବା ପରେ ତାକୁ ମଧ୍ୟ ଭଙ୍ଗାଯିବ ବୋଲି ତହସିଲ୍‌ଦାର ଶ୍ରୀ ଦାସ ପ୍ରକାଶ କରିଛନ୍ତି।

ଇଟାଭାଟିରେ କାମ କରୁଥିବା ଶ୍ରମିକମାନଙ୍କୁ ୧୦୦ ଦିନର କାମ ଦେବା ପାଇଁ ରାଜ୍ୟ ସରକାର ଘୋଷଣା କରିଥିବାବେଳେ ଏପଟେ କାମ ନ ପାଇ ବାବୁଲି ଲେଙ୍କା, ପିତାମ୍ବର ମଲ୍ଲିକ, ଗଣ୍ଡୁ ବେହେରା ପ୍ରମୁଖ ଶ୍ରମିକ କହିଛନ୍ତି ଆମେ ସରକାରୀ ଯୋଜନାରେ କାମ ନ ପାଇବାରୁ ଇଟାଭାଟିରେ କାମ କରି ପରିବାର ଚଳାଉଥିଲୁ। ଏବେ ଆମେ କିପରି ପରିବାର ଚଳାଇବୁ ବୋଲି ପ୍ରଶାସନକୁ ପ୍ରଶ୍ନ କରିଛନ୍ତି।

**ନିଘୋଡ଼ ନିଦ୍ରାରେ ନୟାଗଡ଼ ପୁଲିସ**

# ସହରରେ ପୁଣି ମାତିଲେ ମୁଖାପିନ୍ଧା ଚୋର

ନୟାଗଡ଼,୨୬ ।୨(ସମିସ)

ନୟାଗଡ଼ ଟାଉନଥାନା ପୁଲିସ ଚୋର ଧରିବାକୁ ଆଦୌ ଧ୍ୟାନ ଦେଉ ନ ଥିବା ବେଳେ ବାରମ୍ବାର ଚୋରି ଘଟଣା ସହରବାସୀଙ୍କୁ ଆତଙ୍କିତ କରୁଛି । ଗତବର୍ଷ ଲକ୍ଷ୍ମଣନଗର ବାସିନ୍ଦା ଝିଲ୍ଲି ପ୍ରଧାନଙ୍କ ଭଡ଼ା ଘରୁ ସୁନା ଅଳଙ୍କାର ଚୋରି ହୋଇଥିଲା । ଆଜିପର୍ଯ୍ୟନ୍ତ ପୁଲିସ ଏହି ଘଟଣାରେ କାହାରିକୁ ଗିରଫ କରିପାରି ନ ଥିବା ବେଳେ ଏବେ ପୁଣି ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ଉଦ୍ୟମ ହୋଇଛି । ଗତ ୨୪ ତାରିଖ ରାତି ୩ଟାରେ ୪ ଜଣ ମୁଖାପିନ୍ଧା ବ୍ୟକ୍ତି ଚୋରି କରିବା ପାଇଁ ଘର ଝରକା ତାଡ଼ି ଦେଇଛନ୍ତି । ଏ ନେଇ ଥାନାରେ ଅଭିଯୋଗ ହୋଇଥିବା ଉକ୍ତ ପରିବାର ପକ୍ଷରୁ ସୂଚନା ମିଳିଛି । ଗତବର୍ଷ ଝିଲ୍ଲି ପ୍ରଧାନଙ୍କ ଘରୁ ଯେଉଁ ଢଙ୍ଗରେ ଚୋରି ହୋଇଥିଲା, ସମାନ ଢଙ୍ଗରେ ସମାନ ଭାବେ ୪ ଜଣ ପୁଣି ଚୋରି କରିବାକୁ ଉଦ୍ୟମ କରିଛନ୍ତି । ଏହି ଘଟଣାର ସିସିଟିଭି ଫୁଟେଜ୍ ମଧ୍ୟ ସାମ୍ନାକୁ ଆସିଛି । ତେବେ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ଘଟଣା ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି ।

ଚୋରି ଘଟଣା ସହରରେ ଏବେ ଭୟ ଓ ଆତଙ୍କ ସୃଷ୍ଟି କରିଛି । ମୁଖାପିନ୍ଧା ଚୋରମାନେ ସହରର ବିଭିନ୍ନ ସ୍ଥାନରୁ ଚୋରି ଓ ଚୋରି ଉଦ୍ୟମ କରୁଛନ୍ତି । ଜିଲ୍ଲାର ଅନେକ ଥାନାରେ ଗତ ଦୁଇବର୍ଷ ମଧ୍ୟରେ ଶତାଧିକ ଚୋରି ମାମଲା ରୁଜୁ ହୋଇଛି । କୌଣସି ଥାନା ପୁଲିସ ଆଖିଦୃଶିଆ ଭାବେ ଚୋର, ଡକାୟତଙ୍କୁ ସାବାଡ଼ କରିବାକୁ ଅଣ୍ଟା ଭିଡ଼ିନାହିଁ । ବିଗତ ଦିନରେ ମନ୍ଦିର ଚୋରି ଘଟଣାରେ ପୁଲିସ ଚାପରେ ପଡ଼ି ଧରିବାରେ ସଫଳ ହୋଇଥିବା ବେଳେ ଅନେକ ଘରୁ ଚୋରି, ବାଇକ ଚୋରି, ସାଇକଲ ଚୋରି,



ଚେନ୍ ଲୁଟ୍, ଛିନତାଇ ଭଳି ଅଭିଯୋଗଗୁଡ଼ିକ ତଦନ୍ତରେ ଅଟକି ଯାଉଛି । ଏହା ପଛରେ କାରଣ କ'ଣ ବୋଲି ପ୍ରଶ୍ନ ଉଠୁଥିବା ବେଳେ ଚୋର ଧରିବା ପାଇଁ ପୁଲିସର ନିଷ୍ଠା ନ ଥିବା ଆଲୋଚନା ହେଉଛି । ନିକଟରେ ସଦରଥାନା ଅନ୍ତର୍ଗତ ଯଦୁପୁର ଗାଁରୁ ଚୋରି, ଟାଉନଥାନା ଅନ୍ତର୍ଗତ ନବଘନପୁର ଚୋରି ଘଟଣା ଲୋକଙ୍କ ମନରେ ସତେଜ ରହିଛି । ନୟାଗଡ଼ ଶ୍ରୀରାମନଗରରେ ରହୁଥିବା ଅବସରପ୍ରାପ୍ତ ସମବାୟ କର୍ମଚାରୀଙ୍କ ଘରୁ ଚୋରି ଘଟଣା ଏବେ ବି ରହସ୍ୟ ଘେରରେ ରହିଛି । ସଦର ଓ ଟାଉନଥାନାକୁ ବାଦ୍ ଦେଲେ ଫତେଗଡ଼ ଥାନା ଅଞ୍ଚଳରେ ମଧ୍ୟ ଅନେକ ଚୋରି ଘଟଣା ଅନ୍ଧାରରେ ରହିଛି । ପୁଲିସ ଚୋରି ରୋକିବାରେ ବିଫଳ ହେଉଥିବା ବେଳେ ଚୋର ଧରିବାରେ ମଧ୍ୟ ବିଫଳ ବୋଲି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ନୟାଗଡ଼ ଜିଲ୍ଲାରେ ଚୋରି ଘଟଣାକୁ ସାଧାରଣ ମନେ କରି ପୁଲିସ ଚୁପ୍ ବସୁଥିବା ବେଳେ ଅଭିଯୋଗକାରୀ ଭାଗ୍ୟକୁ ଆଦରି ଜୀବନ ଅତିବାହିତ କରୁଛନ୍ତି । ଜିଲ୍ଲା ପୁଲିସ ସ୍ୱତନ୍ତ୍ର ଟିମ୍ ଗଠନ କରି ଏହି ମାମଲାଗୁଡ଼ିକ ସଠିକ ଭାବେ ତଦନ୍ତ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।

**● ଅନୁଶାସନ ଭଙ୍ଗ ଓ ବିଶୃଙ୍ଖଳିତ ଆଚରଣ**

## ବ୍ଲକ କଂଗ୍ରେସ ସଭାପତିଙ୍କୁ କାରଣଦର୍ଶାଅ ନୋଟିସ

ନୟାଗଡ଼,୨୬ ।୨(ସମିସ): ଦଳରେ ଅନୁଶାସନ ଭଙ୍ଗ, ବିଶୃଙ୍ଖଳିତ ଆଚରଣ ଏବଂ ଗୋଷ୍ଠୀ ରାଜନୀତି କରୁଥିବା ନୟାଗଡ଼ ବ୍ଲକ କଂଗ୍ରେସ ସଭାପତି ହାସୀମ ଖାଁଙ୍କୁ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ କାରଣଦର୍ଶାଅ ନୋଟିସ ଜାରି କରିଛନ୍ତି । ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁସାରେ ବ୍ଲକ କଂଗ୍ରେସ ସଭାପତି ଖାଁ ବ୍ଲକର ଚାରିଟି ଜିଲ୍ଲାପରିଷଦ ଜୋନ ସଭାପତି ନାମ ତାଲିକା ଘୋଷଣା କରିଛନ୍ତି । ଯାହାକି ଦଳୀୟ ଅନୁଶାସନ ପରିପନ୍ଥୀ । ମାତ୍ର ବ୍ଲକ ସଭାପତି ମନଇଚ୍ଛା କାହା ସହ ଆଲୋଚନା ନ କରି ଏକପାଖିଆ ଜୋନ ସଭାପତି ଘୋଷଣା କରି ଦଳ ଭିତରେ ଗୋଷ୍ଠୀବାଦ ରାଜନୀତି କରୁଥିବା ଅଭିଯୋଗରେ ତାଙ୍କ ବିରୋଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେଥିପାଇଁ ୭ ଦିନି ମଧ୍ୟରେ କାରଣ ଦର୍ଶାଇବାକୁ ନୋଟିସ ଜାରି କରାଯାଇଛି । ବ୍ଲକ ସଭାପତି ମନଇଚ୍ଛା ଘୋଷଣା କରିଥିବା ଜୋନ ସଭାପତି ତାଲିକାକୁ ବାତିଲ କରି ଜୋନସ୍ତରୀୟ ବୈଠକ ମାଧ୍ୟମରେ କର୍ମୀଙ୍କ ମତାମତ ଆଧାରରେ ଜୋନ ସଭାପତି ଏବଂ ବ୍ଲକ କମିଟି ଗଠନ ଉପରେ ଗୁରୁତ୍ୱ ଆରୋପ କରିଛନ୍ତି । ଏଭଳି ଗୁରୁତର ବିଶୃଙ୍ଖଳିତ ଆଚରଣ ପ୍ରସଙ୍ଗରେ ପିସିସି ସଭାପତି ଭକ୍ତଚରଣ ଦାସ, ଏଆଇସିସି ସାଧାରଣ ସମ୍ପାଦକ ଅଜୟ ଲଲ୍ଲୁ, ଏଆଇସିସି ସମ୍ପାଦକ ଯେଟ୍ଟୀ କୁସୁମ କୁମାର ଏବଂ ପିସିସି ଶୃଙ୍ଖଳା କମିଟି ଅଧ୍ୟକ୍ଷ ସୁଜିତ ପାଢ଼ୀଙ୍କୁ ଜିଲ୍ଲା କଂଗ୍ରେସ ସଭାପତି ଲିଖିତ ଅବଗତ କରିଛନ୍ତି । ଦଳରେ ଅନୁଶାସନ ଭଙ୍ଗ, ବିଶୃଙ୍ଖଳିତ ଆଚରଣ ଏବଂ ଗୋଷ୍ଠୀବାଦ ରାଜନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରେସ ବିବୃତିରେ କୁହାଯାଇଛି ।

**ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପକୁ ଜୋରଦାର ବିରୋଧ**

## ୪ ଦିନ ପରେ ଘଟଣାସ୍ଥଳରେ ଅଧିକାରୀ

ଦଶପଲ୍ଲା,୨୬ ।୨(ସମିସ): କୁଆଁରିଆ ଜଳଭଣ୍ଡାର ପାଇଁ ନିଜ ବାସସ୍ଥାନ ହରାଇ ହୋଇଥିଲେ ବିସ୍ଥାପିତ । ପୁଣି ଏବେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ ପାଇଁ ହରାଇବାକୁ ପଡ଼ୁଛି ପାଇଥିବା ଅସ୍ଥାୟୀ ପଟ୍ଟାର ଜମି । ଏଥିପାଇଁ ନା ମିଳୁଛି ସ୍ଥାୟୀ ପଟ୍ଟା ନା ମିଳୁଛି କ୍ଷତିପୂରଣ । ନିଜ ହକ୍ ପାଇଁ ବର୍ଷବର୍ଷ ଧରି ସଂଗ୍ରାମ କରୁଥିବା ବିସ୍ଥାପିତ ପରିବାର ଏବେ କ୍ଷତିପୂରଣ ପାଇଁ ରାଜରାସ୍ତାକୁ ଓହ୍ଲାଇଛନ୍ତି । ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ଅଣ୍ଟା ଭିଡ଼ିବା ସହ କାର୍ଯ୍ୟକୁ ଅଗ୍ରଗତି କରୁଥିବା ବେଳେ ବିସ୍ଥାପିତଙ୍କ ଏଭଳି ବିରୋଧ ଏବେ ପ୍ରକଳ୍ପ କାର୍ଯ୍ୟରେ ବିରାଟ ପ୍ରତିବନ୍ଧକ ସୃଷ୍ଟି କରିଛି । ଉପଯୁକ୍ତ କ୍ଷତିପୂରଣ ନ ମିଳିବା ପର୍ଯ୍ୟନ୍ତ ପ୍ରତିବାଦ କରିବା ପାଇଁ କ୍ଷତିଗ୍ରସ୍ତ ପରିବାର ଚେତାବନୀ ଦେଇଛନ୍ତି ।



କୁଆଁରିଆ ଜଳଭଣ୍ଡାର ନିର୍ମାଣ ସମୟରେ ଏଠାରୁ ବିସ୍ଥାପିତ ହୋଇଥିବା ପ୍ରାୟ ୫୧ ପରିବାରକୁ ପ୍ରଶାସନ ପକ୍ଷରୁ ବୁଗୁଡ଼ା ଓ ବୁଗୁଡ଼ା କଲୋନୀ ଅଞ୍ଚଳରେ ଥଇଥାନ କରାଯାଇଥିଲା । ଏଥିପାଇଁ ଅସ୍ଥାୟୀ ପଟ୍ଟା ମଧ୍ୟ ପ୍ରଦାନ କରାଯାଇଥିଲା । ଏଯାଏଁ ଏ ସମସ୍ତ ପରିବାରକୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇନାହିଁ । ବିସ୍ଥାପନ ସମୟରେ ଯେଉଁ ସ୍ଥାନରେ ଥଇଥାନ କରାଯାଇଥିଲା ଏବେ ସେହି ସ୍ଥାନ ରେଳ ପ୍ରକଳ୍ପରେ ଯାଉଛି । ରେଳପଥ ପାଇଁ ସେସବୁ ସ୍ଥାନରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ବିସ୍ଥାପିତ ପରିବାର ଏହାକୁ ତୀବ୍ର ବିରୋଧ କରିଛନ୍ତି । କ୍ଷତିପୂରଣ ସହ ସ୍ଥାୟୀ ପଟ୍ଟା ପ୍ରଦାନ କରିବା ପାଇଁ ପ୍ରାୟ ୪୦ ପରିବାର ଦାବି କରିଛନ୍ତି । ୪ ଦିନ ଧରି ବିଭିନ୍ନ ଦାବି କରି ବିସ୍ଥାପିତମାନେ ଟାକରାସ୍ଥିତ ବୁଗୁଡ଼ା ନିକଟରେ ଖୋର୍ଦ୍ଧା-ବଲାଙ୍ଗିର ରେଳ ପ୍ରକଳ୍ପ କାର୍ଯ୍ୟକୁ ବିରୋଧ କରିବା ସହ ଧାରଣା ଦେଇଥିଲେ । ଗୁରୁବାର ଘଟଣାସ୍ଥଳରେ ଅତିରିକ୍ତ ଏସ୍‌ପି ଜ୍ୟୋତିରଞ୍ଜନ ସାମନ୍ତରାୟ, ଦଶପଲ୍ଲା ତହସିଲଦାର ସ୍ମୃତିରଞ୍ଜନ ଶତପଥୀ, ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କ ସମେତ ରେଳ ବିଭାଗ ଅଧିକାରୀ ପହଞ୍ଚି ବିସ୍ଥାପିତଙ୍କୁ ବୁଝାସୁଝା କରିବା ସହ ଖୁବଶୀଘ୍ର ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

## ପାନୀୟ ଜଳ ଯୋଗାଣ ଠପ, ଲୋକେ ହନ୍ତସନ୍ତ

ଖଣ୍ଡପଡ଼ା,୨୬ ।୨(ସମିସ): ଖଣ୍ଡପଡ଼ା ବ୍ଲକ ମର୍ଦ୍ଦରାଜପୁର ପଞ୍ଚାୟତବାସୀଙ୍କୁ ଗତ ୧୦ ଦିନ ହେଲା ପାଇପ ଯୋଗେ ପାନୀୟଜଳ ଯୋଗାଣ ସମ୍ପୂର୍ଣ୍ଣ ରୂପେ ବନ୍ଦ ରହିଛି । ପାନୀୟଜଳ ପ୍ରକଳ୍ପ ପମ୍ପ ହାଉସରେ ଦେଖାଦେଇଥିବା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଭଳି ସମସ୍ୟା ସୃଷ୍ଟି ହୋଇଛି । ତ୍ରୁଟି ସୁଧାରିବାରେ ବିଳମ୍ବ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଥିବାରୁ ପାନୀୟଜଳ ମୁନ୍ଦେ ସଂଗ୍ରହ ନିମନ୍ତେ ସ୍ଥାନୀୟ ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାଇପ ଲାଇନ ଯୋଗେ ଜଳ ଯୋଗାଣ ବନ୍ଦ ଯୋଗୁଁ ପଞ୍ଚାୟତବାସୀ ବାଧ୍ୟ ହୋଇ ବିଭିନ୍ନ ଜଳ ଉତ୍ସରୁ ଜଳ ସଂଗ୍ରହ କରୁଛନ୍ତି । ଅପରପକ୍ଷେ ଗ୍ରୀଷ୍ମଋତୁ ପ୍ରାରମ୍ଭରେ ଭୂତଳ ଜଳସ୍ତର ନିମ୍ନଗାମୀ ହେବା ସହ



କୂଅ ଓ ପୋଖରୀଗୁଡ଼ିକ ଶୁଖିବାରେ ଲାଗିଛି । ବିଭିନ୍ନ ସ୍ଥାନରେ ଅବସ୍ଥିତ ନଳକୂପଗୁଡ଼ିକର ପାଣି ପାନୀୟ ଉପଯୋଗୀ ହୋଇ ନ ଥିଲେ ମଧ୍ୟ ପରିସ୍ଥିତି ଦୃଷ୍ଟିରୁ ପଞ୍ଚାୟତବାସୀ ଉକ୍ତ ନଳକୂପ ପାଣି ବ୍ୟବହାର କରୁଛନ୍ତି । ଖଣ୍ଡପଡ଼ା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି । ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ପ୍ରତିଭା ମଞ୍ଜରୀ ବାରିକଙ୍କୁ ପଚାରିବାରେ ଖୁବଶୀଘ୍ର ସମସ୍ୟା ସମାଧାନ ହେବ ବୋଲି କହିଛନ୍ତି ।

## ରଣପୁର ଜଗନ୍ନାଥ ମନ୍ଦିରରେ ବ୍ରତଧାରୀଙ୍କ ଭିଡ଼

ରଣପୁର,୨୬ ।୨ (ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ରଣପୁରରେ ଗୁରୁବାର ସୁଦଶା ବ୍ରତଧାରୀମାନେ ଲମ୍ବା ଧାଡ଼ିରେ ଠିଆହେଇ ମହାପ୍ରଭୁ ଜଗନ୍ନାଥ



ଏବଂ ମା' ମହାଲକ୍ଷ୍ମୀଙ୍କୁ ଦର୍ଶନ କରିଛନ୍ତି । ଏଥି ନିମନ୍ତେ ରଣପୁର ବଡ଼ଦାଣ୍ଡରେ ପ୍ରବଳ ଗହଳି ଯୋଗୁଁ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଥିଲା । ଯେଉଁଥିପାଇଁ ପୁଲିସ ସୁରକ୍ଷା ଆବଶ୍ୟକ ପଡ଼ିଥିଲା । ଶୁକ୍ଲପକ୍ଷ ଦଶମୀ ତିଥିରେ ଗୁରୁବାର ପଡ଼ିଲେ ଓଡ଼ିଆ ଘରେ ଉକ୍ତ ଦିନ ସୁଦଶା ବ୍ରତ ପାଳନ କରାଯାଏ । ଘରେ ଶୁଖ, ଶାନ୍ତି, ଧନଧାନ୍ୟ ପାଇଁ ମୁଖ୍ୟତଃ ସଧବା ମହିଳାମାନେ ମହାଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ଏହି ବ୍ରତ ପାଳନ କରନ୍ତି । ମହିଳାମାନେ ଭୋରରୁ ଉଠି ଝୋଟିଚିତା ପକାଇଥାନ୍ତି । ଝୋଟିରେ ପଦ୍ମଫୁଲ ଓ ଲକ୍ଷ୍ମୀପାଦ ନିହାତି ରହିଥାଏ । ପୂଜାରେ ମୁଖ୍ୟତଃ ଦଶପ୍ରକାର ଜିନିଷ ଲାଗି ହୋଇଥାଏ । ଘରେ ଯଦି ମା' ଲକ୍ଷ୍ମୀଙ୍କ ପିତଳ ମୂର୍ତ୍ତି ଥାଏ, କେହି କେହି ତାହାକୁ ପୂଜା କରନ୍ତି । ନ ହେଲେ ଲକ୍ଷ୍ମୀ ନାରାୟଣଙ୍କ ଫଟୋକୁ ଖଟୁଲିରେ ରଖି ସୁଦଶା ବ୍ରତ ପାଳିଥାନ୍ତି । କେତେକ ମହିଳା ଗୁଆ ଓ ଘଟ ସ୍ଥାପନ କରି ମଧ୍ୟ ପୂଜା କରିଥାନ୍ତି । ପୂଜାରେ ପିନ୍ଧାଯାଉଥିବା ବ୍ରତରେ ମଧ୍ୟ ୧୦ଟି ଗଣ୍ଠି ପଡ଼ିଥାଏ । ଏହି ବ୍ରତକୁ ପୂଜା କରି ମହିଳାମାନେ ପିନ୍ଧିଥାନ୍ତି ।

## ଭଲିବଲ ସ୍ମାସ୍ ଟୁର୍ଣ୍ଣାମେଣ୍ଟ, ଇଟାମାଟି ଚାମ୍ପିଅନ

ଓଡ଼ଗାଁ,୨୬ ।୨(ସମିସ)

ବୈଦେହୀଶ ପାଠାଗାର ଦ୍ୱାରା ବୁଧବାର ଅନୁଷ୍ଠିତ ୨ୟ ଦିବାରାତ୍ର ଭଲିବଲ ସ୍ମାସ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ବିଜୟ ହାସଲ କରି ଇଟାମାଟି ଦଳ ଚାମ୍ପିଅନ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଜେନାପଦା ଦଳ ରନର୍ସଅପ୍ ହୋଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଇଟାମାଟି (ସିଡିଏ), ରଙ୍ଗଣୀପାଟଣା, ଜେନାପଦା, କୋସ୍କା, ନାଟୁଗାଁ, ନନ୍ଦିଘୋର ଏବଂ ଗୋଡ଼ିପଡ଼ା ୮ ଦଳ ଅଂଶଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚରେ ଇଟାମାଟି ଦଳ ୨-୧ ସେଟରେ ଜେନାପଦାକୁ ହରାଇଛି । ବିଳମ୍ବିତ ରାତିରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ । ବୈଦେହୀଶ ପାଠାଗାର ତରଫରୁ ମାନସ ରଞ୍ଜନ ସାହୁ, କାହ୍ନୁ ପରିଡ଼ା, ସନ୍ତୋଷ କୁମାର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ରେଫରୀ ଇଂ ଜନ୍ମେଜୟ ଦାଶ ମ୍ୟାଚ୍ ପରିଚାଳନା କରିଥିଲେ ।



## ୧୬ତମ ବାର୍ଷିକ ଉତ୍ସବ ପାଳିତ

ଭାପୁର,୨୬ ।୨(ସମିସ): ଗଣିଆସ୍ଥିତ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ୧୬ତମ ବାର୍ଷିକ ଉତ୍ସବ ଉପସେବାକେନ୍ଦ୍ରରେ ପାଳିତ ହୋଇଛି । ଶିବ ଧ୍ୱଜା ଉତ୍ତୋଳନ ପରେ ସୁସଜ୍ଜିତ ରଥରେ ଅଞ୍ଚଳ ପରିକ୍ରମା କରି ପ୍ରଭୁଙ୍କ ମହିମା ଗାନ କରାଯାଇଥିଲା । କାର୍ଯ୍ୟକ୍ରମରେ ନୟାଗଡ଼ ମୁଖ୍ୟ ସେବାକେନ୍ଦ୍ରର ବିକେ ମିନି ଦିଦି, ଆଇନଜୀବୀ ବିକେ ରମଣୀକାନ୍ତ, ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ବିନୋଦିନୀ ପଣ୍ଡା, ଗଣିଆ ଉପକେନ୍ଦ୍ର ମୁଖ୍ୟ ସଞ୍ଚାଳିକା ବିକେ ସ୍ୱର୍ଣ୍ଣ ଭଉଣୀଙ୍କ ସମେତ ଉପକେନ୍ଦ୍ରର ସମସ୍ତ ଭାଇ ଭଉଣୀ ତଥା ପାଠଶାଳାର ସମସ୍ତ ସଦସ୍ୟ ଯୋଗଦେଇଥିଲେ । ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସ୍ଥାନୀୟ କୁନି ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ ।

## ନୀଳମାଧବଜୀଉଙ୍କ ଦୋଳପୂର୍ଣ୍ଣିମା ପ୍ରସ୍ତୁତି

କଣ୍ଟିଲୋ,୨୬ ।୨(ସମିସ): ନୀଳମାଧବ ପୀଠରେ ଆସନ୍ତା ଦୋଳପୂର୍ଣ୍ଣିମା ପାଇଁ ପ୍ରସ୍ତୁତି ବୈଠକ ଖଣ୍ଡପଡ଼ା ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବିଶ୍ରୁତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ଚଳିତ ବର୍ଷ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ପଡୁଥିବାରୁ ଦୋଳଉତ୍ସବ ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି । ବୈଠକରେ ପୂଜକ ସମାଜ ସଭାପତି ନୀହାର ରଞ୍ଜନ ମିଶ୍ର, ରବୀନ୍ଦ୍ର ନାଥ ମିଶ୍ର, ଚିତ୍ତରଞ୍ଜନ ମିଶ୍ର, ଶ୍ରବଣରାମ ମିଶ୍ର, ପାଞ୍ଜିକାର ସନ୍ତୋଷ ଶିରୋମଣି ପ୍ରମୁଖଙ୍କ ସମେତ ଦେବୋତ୍ତର କର୍ମଚାରୀ, ସେବାୟତ ଉପସ୍ଥିତ ଥିଲେ ।

## ବୃଦ୍ଧାଶ୍ରମରୁ ଦେବରାଜଙ୍କୁ ଆଣିଲେ ଝିଅ

ଓଡ଼ଗାଁ,୨୬ ।୨(ସମିସ): ଓଡ଼ଗାଁ ଥାନା ରଘୁନାଥ ମନ୍ଦିର ନିକଟ ଅଧିକାରୀ ସାହିର ନିଖୋଜ ଦେବରାଜ ଡାକୁଆଙ୍କୁ ଯୋରନ୍ଦା ଫାଣ୍ଡି ଅଞ୍ଚଳରୁ ଉଦ୍ଧାର କରାଯାଇଛି । ସେଠାରେ ଥିବା ଏକ ବୃଦ୍ଧାଶ୍ରମରେ ଦେବରାଜ ରହିଥିବା ସୂଚନା ପାଇ ତାଙ୍କ ଝିଅ ବାପାଙ୍କୁ ଘରକୁ ଫେରାଇ ଆଣିଛନ୍ତି । କଟକ ବଡ଼ ମେଡିକାଲରେ ଦେବରାଜଙ୍କ ଚିକିତ୍ସା ଚାଲିଥିବା ବେଳେ ସେ ଗତ ୧୩ ତାରିଖରୁ ସେଠାରୁ ନିଖୋଜ ହୋଇଥିଲେ । ସବୁବେଳେ ନିରବ ରହୁଥିବା ଦେବରାଜଙ୍କୁ ଯୋରନ୍ଦାରେ ଠାବ କରାଯାଇ ଏକ ବୃଦ୍ଧାଶ୍ରମରେ ରଖାଯାଇଥିଲା । ଯୋରନ୍ଦା ଫାଣ୍ଡି ଅଧିକାରୀ ଓଡ଼ଗାଁ ପୁଲିସ ମାଧ୍ୟମରେ ପରିବାର ସହ ଯୋଗାଯୋଗ କରି ଏ ସମ୍ପର୍କରେ ସୂଚନା ଦେବା ପରେ ଝିଅ ସେଠାକୁ ଯାଇ ଦେବରାଜଙ୍କୁ ଘରକୁ ଆଣିଛନ୍ତି ।

**ମହେନ୍ଦ୍ର ସ୍ୱାଇଁ ସ୍ମାରକୀ କପ୍ ଫୁଟ୍‌ବଲ**

## ଫାଇନାଲରେ କଟକ ବିଡ଼ାନାସୀ ଦଳ

ଖଣ୍ଡପଡ଼ା,୨୬ ।୨(ସମିସ): ଖଣ୍ଡପଡ଼ା ସହରାଞ୍ଚଳ ମଧୁବନ କ୍ରୀଡ଼ାଙ୍ଗନରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଛି । କଟକ ବିଡ଼ାନାସୀ ଫୁଟବଲ ଏକାଡେମୀ ଟାଇବ୍ରେକର ଜରିଆରେ ୫-୩ ଗୋଲରେ କଟକ ବାପୁଜୀ କ୍ଲବକୁ ହରାଇ ଫାଇନାଲରେ ପ୍ରବେଶ କରିଛି । ମୁଖ୍ୟଅତିଥି ଭାବେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, କଟକ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ସମାଜସେବୀ ଅଖିଳ କୁମାର ମହାରଣା, ଏନଏସି ନିର୍ବାହୀ ଅଧିକାରୀ ଅଭିଷେକ ମିଶ୍ର, ପଣ୍ଡିତ ମନୋଜ ଦାଶ, ଖଣ୍ଡପଡ଼ାର ପ୍ରଥମ ସରପଞ୍ଚ ଧନେଶ୍ୱର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଶୁକ୍ରବାର ଦ୍ୱିତୀୟ ସେମିରେ ଢେଙ୍କାନାଳ ପତାକା କ୍ଲବ ଏବଂ ଜଟଣୀ ଫ୍ରେଣ୍ଡସ ପାରାଡାଇଜ ପରସ୍ପରକୁ ଭେଟିବେ ବୋଲି ସୂଚନା ମିଳିଛି ।

**● ଦେଶ ପାଇଁ ଗୌରବ ଆଣିଲେ ଭାପୁର ଯୁବକ**

## ବକ୍ସିଂରେ ସ୍ୱର୍ଣ୍ଣ ପଦକ ଜିତିଲେ ଆଶୁତୋଷ

ଭାପୁର,୨୬ ।୨(ସମିସ): ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ଶୁକପୋଖରୀ ଗ୍ରାମର ଆଶୁତୋଷ ମହାରଣା କିକ୍ ବକ୍ସିଂ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦକ ଜିତି ଦେଶ ପାଇଁ ଗୌରବ ଆଣିଛନ୍ତି । ଏ ଖବର ପ୍ରଚାରିତ ହେବା ପରେ ଅଞ୍ଚଳରେ ଆନନ୍ଦର ଲହରୀ ଖେଳିଯାଇଛି । ଭୁବନେଶ୍ୱରରେ ଚାକିରି କରି ରହୁଥିବା ବାପା ବଳରାମ ମହାରଣା ଓ ମା' କବିତା ମହାରଣାଙ୍କ ଏକମାତ୍ର ପୁଅ ହେଉଛନ୍ତି ଆଶୁତୋଷ । ସେ ଫେବୃଆରୀ ୨୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଇଣ୍ଡୋନେସିଆର ବାଲିଦ୍ୱୀପରେ ଚାଲିଥିବା ଏସିଆ ପ୍ୟାସିଫିକ ଓପନ କିକ୍ ବକ୍ସିଂ ଚାମ୍ପିଅନସିପ-୨୦୨୬ରେ ୫୭ କେଜିରୁ କମ ବର୍ଗର ଫାଇନାଲରେ ଇଣ୍ଡୋନେସିଆ ପ୍ରତିଯୋଗିଙ୍କୁ



୩-୦ ସେଟରେ ହରାଇ ବିଶ୍ୱ ବିଜେତା ହୋଇଛନ୍ତି । ଆଶୁତୋଷ ବର୍ତ୍ତମାନ ଭୁବନେଶ୍ୱର ମହର୍ଷି କଲେଜରେ +୩ ତୃତୀୟ ବର୍ଷ ବିଜ୍ଞାନ ଛାତ୍ର । ସେ ଭୁବନେଶ୍ୱର ୬ନଂ ସ୍ଥିତ ପ୍ୟୁମା ନ୍ୟାସନାଲ କରାଟେ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି । ଅନୁଷ୍ଠାନର ମୁଖ୍ୟ ପ୍ରଶିକ୍ଷକ ପୃଥ୍ୱୀରାଜ ହରିଚନ୍ଦନଙ୍କ ନେତୃତ୍ୱରେ ଓଡ଼ିଶାର ୫ ଜଣ କ୍ରୀଡ଼ାବିତ ଏହି ପ୍ରତିଯୋଗିତାରେ ଭାଗ ନେଉଛନ୍ତି । ସୂଚନାଯୋଗ୍ୟ, ଆଶୁତୋଷ ଗତବର୍ଷ ମଧ୍ୟ ବିଶ୍ୱ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ।

## ଶୁଆଖାଇ ଶ୍ମଶାନ ଛାତ ଚୋରି

**ଥାନାରେ ଏତଲା ଦେଲେ ବ୍ଲକ ଉପାଧ୍ୟକ୍ଷ**

ଭାପୁର,୨୬ ।୨(ସମିସ): ଗୋଟିଏ ଗ୍ରାମ ଶ୍ମଶାନ ଛାତକୁ ରାତାରାତି କାଟି ଚୋରି କରିବା ସହ ସେହି ପୁରୁଣା ପିଲାର ଉପରେ ନୂତନ ନିର୍ମାଣ କରି ଲକ୍ଷାଧିକ ଟଙ୍କା ହଡ଼ପ ଉଦ୍ୟମ ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଭାପୁର ବ୍ଲକ ଫତେଗଡ଼ ଗ୍ରାମରେ ଏପରି ଘଟଣା ଘଟିଛି । ବ୍ଲକର ଏହି ବୃହତ୍ତମ ଗ୍ରାମର ହଜାର ହଜାର ଲୋକଙ୍କ ସୁବିଧା ପାଇଁ କାଳିଗିରି ପୋଲ ନିକଟ ହାଟଡିହ ସରକାରୀ ଶ୍ମଶାନ ରହିଛି । ଯାହାକୁ ଗ୍ରାମବାସୀ ଶୁଆଖାଇ ଶ୍ମଶାନ କୁହନ୍ତି । ଏଠାରେ ୨୦୧୫-୧୬ରେ ଶବଦାହ ଓ ମାଲମାନଙ୍କ ଆଶ୍ରୟ ପାଇଁ ଗୃହ ନିର୍ମାଣ ହୋଇଛି । ମାତ୍ର ଏହି ଶ୍ମଶାନ ଶବଦାହ ଗୃହର ଛାତକୁ କାଟିନେଇ ଏହି ପୁରୁଣା ପିଲାର ଉପରେ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ମଞ୍ଜୁର ହୋଇଥିବା ୩ ଲକ୍ଷ ଟଙ୍କା ହଡ଼ପ ଯୋଜନାକୁ ଗ୍ରାମବାସୀ ବିରୋଧ କରିଛନ୍ତି । ଏପରିକି ଏହା ବିଡିଓ ଓ ଯନ୍ତ୍ରୀଙ୍କ ଜାଣତରେ ଏକ ମହାଦୁର୍ନୀତି ବୋଲି କୁହାଯାଉଛି । ଏହି ଛାତ ଚୋରି ନେଇ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଥାନା ଅଧିକାରୀ ଅଜୟ ସାହୁ ତଦନ୍ତ କରିବେ ବୋଲି କହିଛନ୍ତି । ଏ ନେଇ ଯନ୍ତ୍ରୀ ସନ୍ତୋଷ କୁମାର ମଲ୍ଲିକଙ୍କୁ ପଚାରିବାରେ ସେ ଏହି କାମ ବିଷୟରେ ଜାଣି ନ ଥିବା କହିଛନ୍ତି ।



**ବେଲପଡ଼ା ଛାତ୍ର ମୃତ୍ୟୁ ଘଟଣା**

## କୋଟିଏ ଟଙ୍କା କ୍ଷତିପୂରଣ, ଜଣଙ୍କୁ ଚାକିରି ଦାବି

ନୟାଗଡ଼,୨୬ ।୨(ସମିସ): ଗଣିଆ ବ୍ଲକ ବେଲପଡ଼ା ପ୍ରାଥମିକ ବିଦ୍ୟାଳୟର ପଞ୍ଚମ ଶ୍ରେଣୀ ଛାତ୍ର ଭୋଳାନାଥ ମଲ୍ଲିକଙ୍କ ମୃତ୍ୟୁ ନେଇ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି । ପରିବାର ଲୋକେ ବିଦ୍ୟାଳୟରେ ତାଲା ଝୁଲାଇ ରଖିଥିବା ବେଳେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି । ଘଟଣା ଦିନଠାରୁ ଆଜିପର୍ଯ୍ୟନ୍ତ ୨୫ ଦିନରୁ ଅଧିକ ସମୟ ହେଲା ବିଦ୍ୟାଳୟରେ ତାଲା ଝୁଲୁଛି । ଘଟଣାକୁ ନେଇ ବେଲପଡ଼ା ଗାଁ ସମେତ ଜିଲ୍ଲାରେ ଉତ୍ତେଜନା ଓ ଅସନ୍ତୋଷର ବହ୍ନି ଜଳୁଥିବା ବେଳେ ଗୁରୁବାର କଂଗ୍ରେସ ଏହି ନିଆଁରେ ଘିଅ ଢାଳିଛି । ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ପରାମର୍ଶକ୍ରମେ ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଗାଁରେ ପହଞ୍ଚି ଗ୍ରାମବାସୀ, ମୃତକଙ୍କ ପରିବାର ଓ ଉକ୍ତ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ମୃତ ଛାତ୍ରଙ୍କ ପରିବାରକୁ ନ୍ୟାୟ ଦେବାକୁ ଦାବି କରିଛନ୍ତି । ନିଲମ୍ବିତ ଦୁଇ ଶିକ୍ଷୟିତ୍ରୀଙ୍କୁ ତୁରନ୍ତ ଗିରଫ, ଥାନା ଆଇଆଇସିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ




ସହ ମୃତକଙ୍କ ପରିବାରକୁ ରାଜ୍ୟ ସରକାର କୋଟିଏ ଟଙ୍କା କ୍ଷତିପୂରଣ ଓ ପରିବାରର ଜଣକୁ ଚାକିରି ପ୍ରଦାନ କରିବାକୁ କଂଗ୍ରେସ ଦାବି କରିଛି ।

ଜିଲ୍ଲା ସଭାପତି ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଅନସୂଚିତ ଜାତି ସେଲ ଅଧ୍ୟକ୍ଷ ମାନସ ମଲ୍ଲିକ ଯୋଗଦେଇ ଗଣିଆରେ ଆଜି ଯେଉଁ ଘଟଣା ଘଟିଛି ତାହା ଅତ୍ୟନ୍ତ ଲଜ୍ଜାଜନକ ବୋଲି କହିଛନ୍ତି । ଭୋଳାନାଥଙ୍କ ପ୍ରତି ଜାତିଆଣ ଆକ୍ଷେପ କରି ଶିକ୍ଷୟିତ୍ରୀମାନେ ତାଙ୍କୁ ପାଇଖାନା ବ୍ୟବହାର କରିବାକୁ ଦେଲେନି । ଏହା ସେମାନଙ୍କ ମଧ୍ୟଯୁଗୀୟ ଚିନ୍ତାଧାରାକୁ ପ୍ରମାଣିତ କରିଛି । ଏପରି ଜଘନ୍ୟ କାର୍ଯ୍ୟ ଯୋଗୁଁ ଛୋଟ ପିଲାଟିର ଜୀବନ ଗଲା । ଏହାସହ ସେମାନେ ଏତେ ବେପରୁଆ ଯେ ପିଲାଟି ଅପରାହ୍ନ ୧ଟାରୁ ବାହାରକୁ ଯାଇ ସ୍କୁଲକୁ ଫେରି ନ ଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ନ ଦେଇ ତା' ସ୍କୁଲ ବ୍ୟାଗକୁ ସହପାଠୀଙ୍କ ହାତରେ ଘରକୁ ପଠାଇଦେଲେ । କେବଳ ସେତିକି ନୁହେଁ ଗଣିଆ ଥାନା ଅଧିକାରୀ ଘଟଣାସ୍ଥଳକୁ ଯାଇଥିବା କଂଗ୍ରେସ ତଥ୍ୟ ଅନୁସନ୍ଧାନକାରୀ ଦଳକୁ ଯେଉଁଭଳି ଢଙ୍ଗରେ ଉତ୍ତର ଦେଇଛନ୍ତି, ଏହା ଆଦୌ ଗ୍ରହଣୀୟ ନୁହେଁ । ଅନ୍ୟପଟେ ସାପକାମୁଡ଼ା ଓ ଗାଡ଼ି ଦୁର୍ଘଟଣାରେ ଜୀବନ ଯାଉଥିବା ବ୍ୟକ୍ତିଙ୍କ ପରିବାରକୁ ରାଜ୍ୟ ସରକାର ସହାୟତା ରାଶି ଯୋଗାଇ ଦେଉଛନ୍ତି । ମାତ୍ର ଛୋଟ ପୁଅଟିର ମୃତ୍ୟୁ ପରେ ତାଙ୍କ ପରିବାର ଏବେ ବେସାହାରା । ତାଙ୍କୁ କାହିଁକି ସହାୟତା ରାଶି ଯୋଗାଇ ଦିଆଯାଉ ନାହିଁ ବୋଲି ମାନସ ପ୍ରଶ୍ନ କରିଛନ୍ତି । ତୁରନ୍ତ ଏହି ପରିବାରକୁ କୋଟିଏ ଟଙ୍କା କ୍ଷତିପୂରଣ ଓ ପରିବାରର ଜଣଙ୍କୁ ଚାକିରି ଦିଆଯିବା ଆବଶ୍ୟକ ବୋଲି ଦାବି କରିଛନ୍ତି । ନଚେତ ଆଗାମୀ ଦିଗରେ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସେ ଚେତାବନୀ ଦେଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଉପସଭାପତି ତଥା ତଥ୍ୟ ଅନୁସନ୍ଧାନକାରୀ ଦଳ ଅଧ୍ୟକ୍ଷା ବିନୋଦିନୀ ମହାନ୍ତି, ଉପସଭାପତି ଫକୀର ଚରଣ ମଲ୍ଲ, ବିଭୁପ୍ରସାଦ ମିଶ୍ର, ସାଧାରଣ ସମ୍ପାଦକ ଲଡୁକେଶ୍ୱର ଷଡ଼ଙ୍ଗୀ, ଗଣିଆ ବ୍ଲକ୍ ସଭାପତି ହାଲିମ ଖାଁ ଓ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶିବରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

